ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଜାନୁୟାରୀ, ୨୦୨୨

**ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା**

**ତିର୍ତ୍ତୋଲ/ରାହାମା (ଡି.ଏନ.ଏ.):** ତିର୍ତ୍ତୋଲ ତହସିଲ ଅଧୀନ ଜଗନ୍ନାଥପୁର ପଞ୍ଚାୟତର ବାରବାଟିଆ ଗାଁରେ ରବିବାର ଅଗ୍ନିକାଣ୍ଡରେ ଗୋଟିଏ ପରିବାରର ୨ ବଖରା ଓ ଗୋଟିଏ ଗୁହାଳ ଜଳିଯାଇଛି। ଏଥିରେ ଗ୍ରାମର ଶେଖ ମେରାଜ ଅଲ୍ଲୀଙ୍କ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ତାଙ୍କ ଗୁହାଳରେ ଥିବା ୩ଟି ଛେଳି ଓ ଗୋଟିଏ ବାଛୁରି ଜୀବନ୍ତଦଗ୍ଧ ହୋଇଯାଇଛନ୍ତି। ଅନ୍ୟ ଏକ ଗୋରୁ ପୋଡ଼ି ହୋଇ ଗୁରୁତର ହୋଇଛି। ଘରେ ଥିବା ସମସ୍ତ ଖାଦ୍ୟ ଶସ୍ୟ ଓ ଆସବାବପତ୍ର ପୋଡ଼ିଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ଖବରପାଇ ତିର୍ତ୍ତୋଲ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁ ଜଳିଯାଇଥିଲା। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ଲାଗି ଗ୍ରାମବାସୀ ଦାବି କରିଛନ୍ତି।



## ସଂକ୍ଷେପରେ

### ୭୦ ସ୍ଥାନରେ ୧୫ରୁ ୧୮ ବର୍ଷ ପିଲାଙ୍କ ଟିକାକରଣ ଆଜି

**କେନ୍ଦ୍ରାପଡ଼ା ଅଫିସ,୨।୧:** କରୋନା ସଂକ୍ରମଣକୁ ରୋକିବାକୁ ସାରା ଦେଶରେ ୧୫ରୁ ୧୮ ବର୍ଷ ବୟସ୍କଙ୍କ ଟିକାକରଣ ସୋମବାରଠାରୁ ଆରମ୍ଭ ହେବ। କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଏ ନେଇ ସମସ୍ତ ପ୍ରସ୍ତୁତି ସାରିଥିବା ଜିଲାପାଳ ଅମୃତ ଋତୁରାଜ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଟିକାକରଣ ପାଇଁ ଅନ୍‌ଲାଇନ ପଞ୍ଜୀକରଣ ବ୍ୟବସ୍ଥା ହୋଇଛି। ଏଥିସହ ଅନସ୍ପଟ ଟିକା ନେବା ସୁବିଧା କରାଯାଇଛି। ଜିଲାର ୭୦ଟି ସ୍ଥାନରେ ଟିକାକରଣ କେନ୍ଦ୍ର ଖୋଲାଯାଇଛି। ଆଳି ବ୍ଲକ ଅଞ୍ଚଳର ୪ଟି କେନ୍ଦ୍ର ପାଇଁ ପ୍ରଥମ ପର୍ଯ୍ୟାୟ ସୋମବାର ପାଇଁ ୬୦୦ ଡୋଜ ବ୍ୟବସ୍ଥା ହୋଇଛି। ସେହିପରି ଡେରାବିଶ ବ୍ଲକ ଅଞ୍ଚଳର ୧୦ କେନ୍ଦ୍ର ପାଇଁ ୧୫୦୦ ଡୋଜ, ଗରଦପୁରର ୧୨ କେନ୍ଦ୍ର ପାଇଁ ୧୮୦୦ ଡୋଜ, କେନ୍ଦ୍ରାପଡ଼ାର ୮ କେନ୍ଦ୍ର ପାଇଁ ୧୨୦୦ ଡୋଜ, ମହାକାଳପଡ଼ାର ୮ କେନ୍ଦ୍ର ପାଇଁ ୧୨୦୦ ଡୋଜ, ମାର୍ଶାଘାଇର ୮ କେନ୍ଦ୍ର ପାଇଁ ୧୨୦୦ ଡୋଜ, ପଟ୍ଟାମୁଣ୍ଡାଇର ୮ କେନ୍ଦ୍ର ପାଇଁ ୧୨୦୦ ଡୋଜ, ରାଜକନିକାର ୬ କେନ୍ଦ୍ର ପାଇଁ ୯୦୦ ଡୋଜ ଓ ରାଜନଗର ବ୍ଲକ ଅଞ୍ଚଳର ୬ କେନ୍ଦ୍ର ପାଇଁ ୯୦୦ ଡୋଜ ଟିକାକରଣ ହେବ ବୋଲି ପ୍ରସ୍ତୁତି ଅଛି। ଇତିମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ୯୦ ପ୍ରତିଶତ ୧୮ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରଥମ ଡୋଜ ଟିକାକରଣ ହୋଇଥିବା ବେଳେ ଦ୍ୱିତୀୟ ଡୋଜ ୫୯ ପ୍ରତିଶତ ସଫଳତା ମିଳିଛି ବୋଲି ଜିଲାପାଳ ଋତୁରାଜ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୦ ଏପ୍ରିଲ ୭ରେ ଆଳି ଅଞ୍ଚଳରେ ପ୍ରଥମ କରୋନା ସଂକ୍ରମିତଙ୍କ ଚିହ୍ନଟ ହୋଇଥିଲେ। ଇତିମଧ୍ୟରେ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଅଦ୍ୟାବଧି ୨୫,୦୮୭ ହୋଇଥିବା ବେଳେ ୨୪, ୭୯୮ ସୁସ୍ଥ ହୋଇଛନ୍ତି। ମହାମାରୀ ୨୫୪ ଜଣଙ୍କ ଜୀବନ ନେଇଛି। ସେହିପରି ଅଦ୍ୟାବଧି ୩୪ ଜଣ ଚିକିତ୍ସାଧୀନ ଅଛନ୍ତି।

### ଭିନୁ ମଙ୍କଡ଼ କ୍ରିକେଟ୍: ମା' ଅନ୍ନପୂର୍ଣ୍ଣା ଟିମ୍ ବିଜୟୀ



**ଆଳି,୨।୧(ଡି.ଏନ.ଏ.):** ଆଳି ହାଇସ୍କୁଲ ମିନି ଷ୍ଟାଡିୟମରେ ଦିବାକର ଶର୍ମା ମେମୋରିଆଲ ୪୨ତମ ଭିନୁ ମଙ୍କଡ଼ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଶିକ୍ଷାବିତ୍ ପର୍ଶୁରାମ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ପ୍ରମୋଦ ମଲିକ, ଭାଜପା ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ଚିରଞ୍ଜୀବୀ ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ ଆଳି ଆଥ୍‌ଲେଟିକ ଆସୋସିଏଶନ ସହ ମା' ଅନ୍ନପୂର୍ଣ୍ଣା କ୍ରିକେଟ କ୍ଲବ ହାଟସାହି ମଧ୍ୟରେ ହୋଇଥିଲା। ମ୍ୟାଚରେ ଅନ୍ନପୂର୍ଣ୍ଣା ଟିମ୍ ପ୍ରଥମେ ବ୍ୟାଟିଂ କରି ୨୭ ଓଭରରେ ସମସ୍ତ ଉଇକେଟ ହରାଇ ୧୦୫ ରନ କରିଥିବା ବେଳେ ଆଳି ସମସ୍ତ ଉଇକେଟ ହରାଇ ୧୦୦ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ମା' ଅନ୍ନପୂର୍ଣ୍ଣା ଟିମ୍ ମ୍ୟାଚ ଜିତିଥିଲା। ଏହି ଖେଳକୁ ନିରଞ୍ଜନ ଷଡ଼ଙ୍ଗୀ ଓ ପ୍ରଶାନ୍ତ ସାମଲ ପରିଚାଳନା କରିଥିବା ବେଳେ ରବୀନ୍ଦ୍ର ମହାନ୍ତି ସହଯୋଗ କରିଥିଲେ।

### ମଉଳିଯାଇଛି ଡିମିରିଫୁଲର ବାସ୍ନା

**ଡେରାବିଶ,୨।୧(ସ୍ୱ.ପ୍ର.):** ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ବୀରନୀଳକଣ୍ଠପୁରରେ ବିଶିଷ୍ଟ ନାଟ୍ୟକାର ଅନନ୍ତ ଓଝାଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଅନନ୍ତ ଓଝା ମେମୋରିଆଲ୍ ଚାରିଟେବୁଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଟ୍ରଷ୍ଟର ସଭାପତି ହଳଧର ଦାଶ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସୁନାମଧନ୍ୟ ସିନେ କଳାକାର ଓ ନାଟ୍ୟ ନିର୍ଦ୍ଦେଶକ ଅଂଶୁମୋଚନ ମହାନ୍ତି, ମୁଖ୍ୟବକ୍ତା ନାଟ୍ୟକାର ସୁଧାଂଶୁ ଶେଖର ନାୟକ, ସମ୍ମାନିତ ଅତିଥି ନାଟ୍ୟକାର ତଥା ବିଶିଷ୍ଟ ପ୍ରବଚକ ଶରଣାବିନ୍ଦ ଓଝା, ପ୍ରାଧ୍ୟାପକ ଅଜୟ ରାଉତ, ସମ୍ପାଦକ ବିଜୟ ନାୟକ, ଯାତ୍ରା ଜଗତର କଳାକାର ଦୈତାରୀ ପଣ୍ଡା ପ୍ରମୁଖ ଯୋଗଦେଇ ଅନନ୍ତ ଓଝାଙ୍କର ସ୍ମୃତିଚାରଣ କରିଥିଲେ। ଅନନ୍ତଙ୍କ ଅତିପ୍ରିୟ 'ଡିମିରି ଫୁଲ' ଆଜି ମଉଳି ଯାଇଥିବା ଉପରେ ଅତିଥିମାନେ ନିଜର ମତ ରଖିଥିଲେ। କେବଳ ନିଜ ବାସଭବନକୁ ଡିମିରି ଫୁଲ ନାମରେ ନାମିତ କରି ଅନନ୍ତଙ୍କର ସେହି ସ୍ମୃତିଯାତ୍ରା ଜଗତକୁ ପୁରୁଣା ଦିନର ସ୍ମୃତିକୁ ସାଉଁଟୁଛି। ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରତିଭାଧାରୀ ବ୍ୟକ୍ତି ବିଶେଷଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମାଜିକ କର୍ମୀ ଅଭିମନ୍ୟୁ ରାଉତ ଧନ୍ୟବାଦ ଦେଇଥିଲେ।

# କେରେଡ଼ାଗଡ଼ ଶ୍ରୀଜଗନ୍ନାଥ ମନ୍ଦିରରେ ୫ଘଣ୍ଟା ପୂଜା ବନ୍ଦ

**ଉତ୍ତ୍ୟକ୍ତ ଶ୍ରଦ୍ଧାଳୁଙ୍କ ରାସ୍ତାରୋକୋ**

ରାଜନଗର, ୨।୧ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର କେରେଡାଗଡସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ରବିବାର ପୂଜାନୀତି ୫ ଘଣ୍ଟା ଧରି ବନ୍ଦ ରହିଥିଲା। ଠାକୁରଙ୍କ ନୀତିକାନ୍ତି ପାଇଁ ପିତଳ ବାସନ ଠିକ୍ ସମୟରେ ଧୂଆ ହୋଇପାରି ନ ଥିଲା। ଫଳରେ ସକାଳୁ ପୂଜାନୀତି ପୂର୍ବାହ୍ନ ସାଢେ ୧୦ଟା ଯାଏ ବନ୍ଦ ରହିଥିଲା। ଠାକୁର ଉପବାସ ରହିଥିବା ଖବର କେରେଡାଗଡ ସମେତ ୨୨ ମୌଜାରେ ପହଞ୍ଚିବା ପରେ ମନ୍ଦିର ନିକଟରେ ଶ୍ରଦ୍ଧାଳୁମାନେ ପହଞ୍ଚିଥିଲେ। ନୀତିକାନ୍ତି ବନ୍ଦ ରହିଥିବା ଜାଣିବା ପରେ ସେମାନେ ମନ୍ଦିର ସମ୍ମୁଖରେ ଟାୟାର ଜାଳି, ଗଛ ପକାଇ ରାସ୍ତାରୋକୋ କରିଥିଲେ। ପୂର୍ବାହ୍ନ ସାଢେ ୧୦ଟାରେ ପୂଜାନୀତି ଆରମ୍ଭ ହେବାରୁ କାହିଁକି ଏବେ ଆରମ୍ଭ କରୁଛ, ଜିଲାପାଳ, କନିକା ରାଜା ଆସନ୍ତୁ, ସ୍ଥାୟୀ ସମାଧାନ ନ ହେବା ଯାଏ ପୂଜା ହୋଇପାରିବନି ବୋଲି ହୋହଲ୍ଲା କରିଥିଲେ।

କେରେଡାଗଡ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ପାଇଁ ସକାଳୁ ଟହଲିଆ ଆସି ନ ଥିବାରୁ ଠାକୁରଙ୍କ କାର୍ଯ୍ୟରେ ଲାଗୁଥିବା ବାସନ କୁସନ ଧୂଆ ହୋଇ ନ ଥିଲା। ସକାଳ ୬ଟାରେ ମଙ୍ଗଳଆଳତି, ମହାସ୍ନାନ ଓ ମହାମଣୋହି ନୀତି ହେବାକଥା। ମାତ୍ର ବାସନ ମଜା ହୋଇ ନ ଥିବାରୁ ଠାକୁରଙ୍କ ସମସ୍ତ ନୀତିବନ୍ଦ ରହିଥିଲା। ଦୀର୍ଘ ୨ ଘଣ୍ଟା ରାସ୍ତାରୋକୋ ହୋଇଥିଲା। ସ୍ଥିତି ବିଗିଡିବା ପରେ ଦୁଇଜଣ ଟହଲିଆ ପହଞ୍ଚି ବାସନ ମାଜିବା ପରେ ଠାକୁରଙ୍କ ନୀତିକାନ୍ତି ହୋଇଥିଲା। ଏହାର ସ୍ଥାୟୀ ସମାଧାନ ହେବାପରେ ପୂଜା ହେବ ବୋଲି ଶ୍ରଦ୍ଧାଳୁମାନେ ଅଡି ବସିଥିଲେ। ବଡପଣ୍ଡା ମଦନ ମୋହନ ରଥଙ୍କ କହିବା କଥା, ଟହଲିଆ ନୃସିଂହ ବାରିକଙ୍କ ପାଳି ସରିବା ପରେ ରବିବାର ଆଉ ଜଣେ ଟହଲିଆ ଆସିବା କଥା। ସେ ନ ଆସିବାରୁ ଏଭଳି ପରିସ୍ଥିତି ଉପୁଜି ଥିଲା। ଟହଲିଆ ନୃସିଂହଙ୍କୁ ପଚାରିବାରୁ ମୋର ଶନିବାର ପାଳି ସରିଯାଇଛି। ମୋ ଝିଅ ଦେହ ଖରାପ ହେବାରୁ ଶନିବାର ପିଅନକୁ କହି ଯାଇଥିଲି। ରବିବାର ନୂଆ ଟହଲିଆ ଆସିବା କଥା, ସେ ନ ଆସିବାରୁ ବିବାଦ ଉପୁଜିବାରୁ ପୁଣି ଆସିଛି।



ଠାକୁରଙ୍କ ନୀତିକାନ୍ତି ବନ୍ଦକୁ ନେଇ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

## କଂଗ୍ରେସର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ନାଉଗାଁ,୨।୧(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣାର ଓ କୋରୁଅ ପଞ୍ଚାୟତରେ ରବିବାର କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ତଥା ରାଜ୍ୟ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଏହାର ନେତୃତ୍ୱ ନେଇଥିଲେ। ଆଗାମୀ ତ୍ରିସ୍ତରୀୟ ନିର୍ବାଚନ ପାଇଁ ଦଳକୁ ତୃଣମୂଳସ୍ତରରୁ ମଜଭୁତ୍ କରିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ବିଭିନ୍ନ ପଞ୍ଚାୟତରୁ କଂଗ୍ରେସ ସମର୍ଥିତ ପ୍ରାର୍ଥୀମାନେ ଯୋଗଦେଇଥିଲେ। ତିରୁଣାର ତେଣ୍ଟୋଇଠାରେ ଆୟୋଜିତ ସମ୍ମିଳନୀରେ ଭାଜପା ଓ ବିଜେଡିର ବହୁ ଅସନ୍ତୁଷ୍ଟ କର୍ମୀ କଂଗ୍ରେସରେ ସାମିଲ ହୋଇଥିଲେ। ଏହି ଅବସରରେ ହେମନ୍ତ ଓଝା, କାହ୍ନୁଚରଣ ଦାସ, ବୀରବର ଓଝା, ନବଘନ ସ୍ୱାଇଁ, ଝୁଲା ମହାରଣା, ହେମନ୍ତ ସାହୁ, ସୁକାନ୍ତ ରାୟ, ଅଜୟ ରାୟ ଓ ବିଚିତ୍ରାନନ୍ଦ ରାୟ ପ୍ରମୁଖ କଂଗ୍ରେସରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀରେ ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ବେହୁରା, ବେଣୁଧର ସ୍ୱାଇଁ, ଦୁଃଶାସନ ନାୟକ ଓ କରୁଣାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶାରଳା ଦାସଙ୍କ ପାଇଁ ଜଗତ୍‌ସିଂହପୁର ମାଟି ଗୌରବାନ୍ୱିତ

ଜଗତ୍‌ସିଂହପୁର ଅଫିସ, ୨।୧



ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**ଦିବାକର ଦାସ ସ୍ମାରକୀ ପାଠାଗାର ବାର୍ଷିକୋତ୍ସବ**

ଜଗତ୍‌ସିଂହପୁର ଜିଲାରେ ବହୁ ସ୍ୱାଧୀନତା ସଂଗ୍ରାମୀ, କବି, ଲେଖକ, ବୈଜ୍ଞାନିକ, ଔପନ୍ୟାସିକ ଜନ୍ମଗ୍ରହଣ କରିଛନ୍ତି। ଏଠାରେ ଆଦିକବି ଶୁଦ୍ରମୁନି ଶାରଳା ଦାସ ଜନ୍ମଗ୍ରହଣ କରି ମାଟିକୁ ଗୌରବାନ୍ୱିତ କରିଛନ୍ତି ବୋଲି ବାଲିକୁଦା ବ୍ଲକ ଅଡ଼ଙ୍ଗା ଗାଁର ଦିବାକର ଦାସ ସ୍ମାରକୀ ପାଠାଗାରର ୩୨ୟ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ମତବ୍ୟକ୍ତ କରିଛନ୍ତି। ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଏସ୍‌ଏନ୍‌ଏଲ୍ ନିର୍ଦ୍ଦେଶକ ତଥା କବି ଡ. ନାରାୟଣ ମୁଦୁଲି ଯୋଗଦେଇଥିଲେ। ବକ୍ତାଭାବେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ସାହାଣି, ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଏନ୍‌ଆର୍‌ଏଚ୍‌ଏମ୍ ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ, ସାହିତ୍ୟିକ ଶ୍ରୀକାନ୍ତ କୁମାର ରାଉତରାୟ, ଶିକ୍ଷାବିତ୍ ମହେନ୍ଦ୍ର କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଶିକ୍ଷକ ଦାସଙ୍କ ସୁପୁତ୍ର ଜଟାଧାରୀ, ଉପଦେଷ୍ଟା ଅରୁଣ କୁମାର ମହାରଣା ଓ ପରିଚାଳନା କମିଟିର ସଦସ୍ୟମାନେ ପାଠାଗାର ସ୍ଥାପନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଉତ୍ସବରେ ଆଦର୍ଶ ଶିକ୍ଷକ, କୃଷକ ଓ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଷ୍ଠା ଦିବସରେ କବିତା ପାଠୋତ୍ସବ ସହ ସ୍ମରଣିକା 'ଭକ୍ତି ପଥରେ ନିର୍ବାଣ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ୨ୟ ଅଧିବେଶନରେ ବାଲିକୁଦା ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ଜିଲା ପରିଷଦ ସଭ୍ୟା ଜୟଶ୍ରୀ ଦର୍ଶଦଳିନୀ ମଲ୍ଲିକ, ଶାରଳା ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ମୁଦୁଲି, ଗଗନ ବିହାରୀ ଶତପଥୀ, କମଳକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ନାଟ୍ୟକାର ଦାସଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ବାର୍ତ୍ତା ପାଠ କରାଯାଇଥିଲା। ପୁସ୍ତକ ବ୍ୟକ୍ତି ମନରୁ ଅଜ୍ଞାନତା ଦୂର କରିଥାଏ। ପାଠାଗାର ପାଠକଙ୍କୁ ଜ୍ଞାନର ଆଲୋକରେ ଉଦ୍‌ଭାସିତ କରି ସମାଜ ଓ ଦେଶର ପ୍ରଗତିରେ ସହାୟକ ହୋଇଥାଏ ବୋଲି ମନ୍ତ୍ରୀ ଦାସ ବାର୍ତ୍ତାରେ କହିଥିଲେ। ଏହି ଅବସରରେ ରଘୁନାଥପୁର ଉଚ୍ଚବିଦ୍ୟାଳୟରେ ଏକ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା।

## ଶାସନ ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ

ପଟ୍ଟାମୁଣ୍ଡାଇ, ୨।୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକର ଶାସନ ପଞ୍ଚାୟତ ମଳିପୁର ଗାଁରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ପଞ୍ଚାୟତକୁ ଆସିଥିବା ବିଭିନ୍ନ ଯୋଜନାରେ ଅନୁଦାନରେ ବାଟମାରଣା ହୋଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତରେ ବିନା ପଲ୍ଲିସଭା, ଗ୍ରାମସଭାରେ ଲୋକଙ୍କୁ ନ ଜଣାଇ କାର୍ଯ୍ୟ କରିବା, ଜାଲିଆତି କରି ମିଥ୍ୟା ବିଲ୍ କରିବା ଆଦି ଦୁର୍ନୀତି ହୋଇଥିବା ଅଭିଯୋଗ କରିବା ସହ ମଳିପୁର ଗ୍ରାମବାସୀ ଏହାର ତଦନ୍ତ ଦାବି କରିଛନ୍ତି। ମଳିପୁର ୨ନଂ. ୱାର୍ଡରେ ଥିବା ପଞ୍ଚାୟତ ପୋଖରୀ ଖନନ ପାଇଁ ୩ ବର୍ଷ ତଳେ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ପୋଖରୀ ଖନନ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ଅଷ୍ଟଶମ୍ଭୁ ଖେଳପଡିଆ ପାଚେରି ନିର୍ମାଣ ସହ ପଡିଆକୁ ଖେଳ ଉପଯୋଗୀ କରିବାକୁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ଖେଳପଡିଆ ଭିତରେ ଆଣ୍ଠୁଏ ଉଚ୍ଚର ଘାସ ବଢିଥିବା ବେଳେ କାଦୁଅ ପାଣି ଜମି ରହିଛି। ଫଳରେ ପଡିଆରେ ଖେଳାଳିମାନେ ଖେଳି ପାରୁନାହାନ୍ତି। ସେହିପରି ଗ୍ରାମକୁ ଯାଇଥିବା ଢଳେଇ ରାସ୍ତା ପାଇଁ ୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏହି ରାସ୍ତା ଅତି ନିମ୍ନମାନର ହୋଇଥିବାରୁ ତାହା ଫାଟି ଖସି ଯାଇଛି। ଏ ନେଇ ପଞ୍ଚାୟତର ୨ନଂ. ସଭ୍ୟ ଅଭିମନ୍ୟୁ ସେନାପତିଙ୍କ ସମେତ ତପନ ଦାଶ, ପ୍ରଭାତ ବିଶ୍ୱାଳ, ଅଜୟ ମଳିକ, ରଞ୍ଜନ ବିଶ୍ୱାଳ, ଅଚ୍ୟୁତ ମଳିକ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଶାସନ ସରପଞ୍ଚ ପୁଷ୍ପାଞ୍ଜଳି ସେଠୀଙ୍କୁ ପଚାରିବାରେ ସେ କୌଣସି ଉତ୍ତର ଦେଇ ନ ଥିଲେ। ପଟ୍ଟାମୁଣ୍ଡାଇ ବିଡିଓ ଭରତ ଚନ୍ଦ୍ର ପରିଡାଙ୍କୁ ପଚାରିବାରେ ଏହି କାର୍ଯ୍ୟ ଖରାପ ହୋଇଥିବା ଅଭିଯୋଗ ହୋଇଛି। କିନ୍ତୁ ଏହି କାମ ୩ ବର୍ଷ ତଳର, ଏହାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।



ନିମ୍ନମାନର ରାସ୍ତା କାମକୁ ଜଣେ ବ୍ୟକ୍ତି ଦେଖାଉଛନ୍ତି।

## ୫୦ କୃଷକ ସମ୍ବର୍ଦ୍ଧିତ

ଆଳି,୨।୧(ଡି.ଏନ.ଏ.)

ଆଳି ବ୍ଲକ ଅନ୍ତର୍ଗତ ମାଣିକପାଟଣା ଅଞ୍ଚଳର ଯୁବକମାନେ ନିଜ କଥା ଚିନ୍ତା ନ କରି ସମାଜର ଅବହେଳିତ ଲୋକମାନଙ୍କ କଥା ଚିନ୍ତା କରୁଛନ୍ତି। ଯୁବକମାନେ କୌଣସି ଥିଲା ବାଲା ଘରର ପିଲା ନୁହନ୍ତି। ସମସ୍ତେ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ପିଲା। ନିଜର ପକେଟ ମନି ଖର୍ଚ୍ଚ ନ କରି ତାହାକୁ ବହୁ ମହତ କାର୍ଯ୍ୟରେ ଲଗାଉଛନ୍ତି। ଯୁବକମାନେ ନୂଆବର୍ଷର ଦ୍ୱିତୀୟ ଦିନରେ ଏକ କୃଷକ ସମାବେଶ କରି ୫୦ଜଣ କୃଷକଙ୍କୁ ସମ୍ବର୍ଦ୍ଧିତ କରି ଏକ ନିଆରା ପ୍ରଥା ତିଆରି କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ସଞ୍ଜୟ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ତଥା ଗାଳ୍ପିକ ବି. ଏମ. ସେନାପତି ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ତଥା କବି ପ୍ରମୋଦ ମଲ୍ଲିକ ଯୋଗଦେଇଥିଲେ। ଅତିଥିମାନେ ଅମୂଲ୍ୟ ପରିଡା, ରବି ପରିଡା, ମୁରଲୀଧର ରାଉତ, ସୁର ଦାସ, ସୁଧୀର ରାଉତ, ପଞ୍ଚାନନ ପରିଡା ପ୍ରମୁଖଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୀନକେତନ ପାତ୍ର ଓ ଅଞ୍ଚଳର ବୟସ୍କ ଚାଷୀ ପୂର୍ଣ୍ଣଚନ୍ଦ୍ର ଦାସ, ବୈଷ୍ଣବ ତରାଇ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ୫ ପାନୀୟଜଳ ପ୍ରକଳ୍ପର ଲୋକାର୍ପଣ

ରାଜନଗର,୨।୧(ଡି.ଏନ.ଏ.)

ରାଜନଗର ବ୍ଲକର ୫ଟି ପାନୀୟଜଳ ପ୍ରକଳ୍ପର ଲୋକାର୍ପଣ ସହ ବହୁ ପ୍ରକଳ୍ପର ଶିଳାନ୍ୟାସ ରବିବାର ରାଜନଗର ବିଧାୟକ ଧ୍ରୁବ ସାହୁ କରିଛନ୍ତି। ଖମାରସାହି ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରକଳ୍ପ, ବାଘୁଆ ପାନୀୟଜଳ ପ୍ରକଳ୍ପ, କୃଷ୍ଣନଗର ପାନୀୟଜଳ ପ୍ରକଳ୍ପ, କେରୁଆପାଳ ପାନୀୟଜଳ ପ୍ରକଳ୍ପ, ବାଘମାରି ପାନୀୟଜଳ ପ୍ରକଳ୍ପର ଲୋକାର୍ପଣ ହୋଇଛି। ଏଥିସହ ଖମାରସାହିଠାରେ ମିଶନ ଶକ୍ତି ଗୃହର ଉଦ୍‌ଘାଟନ କରିଥିଲେ। ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ୟୁନିଟ ପାଇଁ ଶିଳାନ୍ୟାସ, ଶୈଳେନ୍ଦ୍ରଶରାଇ ଓ ନଳିତାପାଟିଆ ବାତ୍ୟା ଆଶ୍ରୟସ୍ଥଳ, ପରମାନନ୍ଦପୁରଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଗେଷ୍ଟ ହାଉସ, ତାଳଚୁଆ–ଅହିରାଜପୁର ମୁଖ୍ୟମନ୍ତ୍ରୀ ସଡକ ଯୋଜନାର ଶିଳାନ୍ୟାସ ବିଧାୟକ ସାହୁ କରିଛନ୍ତି। ଏଥିସହ ୫ ରୂପାନ୍ତରଣ ହୋଇଥିବା ବିଦ୍ୟାଳୟ ମଧ୍ୟରୁ ବାଘମାରିର ବିବେକାନନ୍ଦ ବିଦ୍ୟାପୀଠ ପରିଦର୍ଶନ ବିଧାୟକ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ସରପଞ୍ଚ ରମେଶ ଚନ୍ଦ୍ର ବେହେରା, ରତିକାନ୍ତ ସେଠୀ, ରୀତା ମାଇତି, ମୁକ୍ତି କୁମାର ପାତ୍ର, ସପନ କୁମାର ପରିଡା, ସମିତିସଭ୍ୟ କବିତା ମାଇତି ପ୍ରମୁଖ ଯୋଗଦେଇଥିଲେ।

## ଶିକ୍ଷକଙ୍କ ହୃଦ୍‌ଘାତରେ ପରଲୋକ

ରାଜନଗର, ୨।୧ (ଡି.ଏନ.ଏ.)

ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳଭଦ୍ରପୁରସ୍ଥିତ ବାପୁଜୀ ବିଦ୍ୟାଶ୍ରମର ବିଜ୍ଞାନ ଶିକ୍ଷକ ଗଗନ ବିହାରୀ ପ୍ରଧାନ(୫୬)ଙ୍କ ରବିବାର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ଘର ବାରୁଅ ନିକଟ ଇଟିପୁରରେ। ଛୁଟିରେ ଘରକୁ ଯାଇଥିଲେ। ଦେହ ଅସୁସ୍ଥ ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜଣେ ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମୃତକଙ୍କ ସାଥୀ ପାଲଟିଛନ୍ତି ମହମ୍ମଦ ନୁହ

କେନ୍ଦ୍ରାପଡ଼ା ଅଫିସ, ୨।୧



କେନ୍ଦ୍ରାପଡ଼ା ସହର ଫକୀରାବାଦ ଗ୍ରାମର ମହମ୍ମଦ ନୁହ। ବୟସ ୬୬। ୧୬ ବର୍ଷ ଧରି ନିଃସ୍ୱାର୍ଥପର ଭାବେ ନିଜ ସମ୍ପ୍ରଦାୟ ମୃତକଙ୍କ ସାଥୀ ପାଲଟିଛନ୍ତି। ଗୁସନ ଓ କଫନରେ ସହଯୋଗୀ ହେବା ସହ ମୃତକଙ୍କ ଏକ ରେଜିଷ୍ଟର ପ୍ରସ୍ତୁତ କରିଛନ୍ତି। ତାଙ୍କ ସମ୍ପର୍କରେ ଗ୍ରାମର ମୀର ଅବୁ ଓବେଦା କୁହନ୍ତି, ସେ ସରଳ ଓ ଅମାୟିକ। ପେସା ବୁଲା ବେପାର ହୋଇଥିଲେ ମଧ୍ୟ ଦୀର୍ଘବର୍ଷ ଧରି ମୃତକଙ୍କ ସତ୍କାରକୁ ନିଶା କରିଛନ୍ତି। ସହରର ଯେ କୌଣସି ସ୍ଥାନରେ କେହି ରୋଗରେ ପଡିଲେ କିମ୍ବା ମୃତ୍ୟୁ ହେଲେ ହାଜର ହୋଇଯାନ୍ତି। ପରିବାର ସଦସ୍ୟଙ୍କ ସହ ମିଶି ରୋଗୀର ସେବା ଅଥବା ମୃତକଙ୍କ ସତ୍କାର କରନ୍ତି। ଏପରିକି କେତେକ କ୍ଷେତ୍ରରେ ଦୀର୍ଘଦିନ ଧରି ରୋଗରେ ପଡି ରୋଗୀର ବେଡ ଅଲସର ହେବାରୁ ପରିବାର ଲୋକ ଦୂରେଇ ଯାଇଥିବା ବେଳେ ମହମ୍ମଦ ନୁହ ସେବାରୁ ନିବୃତ୍ତ ହୋଇନାହାନ୍ତି। ସବୁଠାରୁ ବଡ଼ କଥା ଯେ, ସହରର ମୁସଲମାନ ସମ୍ପ୍ରଦାୟ ମୃତକଙ୍କ ନାମ ଓ ସ୍ଥାନର ଏକ ରେଜିଷ୍ଟର ପ୍ରସ୍ତୁତ କରିଛନ୍ତି। ଏ ସମ୍ପର୍କରେ ମହମ୍ମଦ ନୁହ କହିଛନ୍ତି, ୨୦୦୪ ମସିହାର ଏକ ଘଟଣା ଏହି ଦିଗ ପ୍ରତି ଆକର୍ଷିତ କରିଛି। ଜଣେ ବ୍ୟକ୍ତି ରୋଗରେ ପଡି ଛଟପଟ ହେଉଥିବା ବେଳେ ପରିବାର ସଦସ୍ୟ ଏହାକୁ ଅଣଦେଖା କରିଥିଲେ। ଏହାକୁ ଦେଖି ସେବା କରିବା ଦିଗରେ ମନ ବଳାଇଲି। ୧୬ ବର୍ଷ ମଧ୍ୟରେ ସହରର ୭ ହଜାରରୁ ଊର୍ଦ୍ଧ୍ୱ ମୃତକଙ୍କ ସତ୍କାର କରିଛି। ରେଜିଷ୍ଟରର ତଥ୍ୟ ଅନୁଯାୟୀ, ସଂଖ୍ୟାଲଘୁ ସମ୍ପ୍ରଦାୟର ୭୦ ପୁରୁଷ ଓ ୪୮ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ମୃତଦେହ ସତ୍କାରରେ ସାମିଲ ହୋଇଛନ୍ତି।

## ଘରୋଇକରଣ ବିରୋଧରେ ଏକଜୁଟ୍ ହୁଅ

ପାରାଦୀପ,୨।୧(ସ୍ୱ.ପ୍ର.)

ପାରାଦୀପ ପୋର୍ଟ ଶ୍ରମିକସଂଘର ଏକ ଜରୁରିକାଳୀନ ବୈଠକ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଏଥିରେ ପାରାଦୀପ ବନ୍ଦରକୁ ଯେପରି ପର୍ଯ୍ୟାୟକ୍ରମେ ଘରୋଇକରଣ କରାଯାଉଛି ତାକୁ ମିଳିତଭାବେ ବିରୋଧ କରିବା ପାଇଁ ସଂଘ ସଭାପତି ରାମଶଙ୍କର ଆହ୍ୱାନ ଦେଇଛନ୍ତି। ଏହାଛଡ଼ା ବୈଠକରେ ଦିଲ୍ଲୀରେ ହୋଇଥିବା ଚାଷୀ ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରାଯାଇ ମୃତ୍ୟୁବରଣ କରିଥିବା ଆନ୍ଦୋଳନକାରୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସେହିପରି କେନ୍ଦ୍ର ସରକାରଙ୍କ ନୂତନ ଶ୍ରମ ଆଇନକୁ ବୈଠକରେ ନିନ୍ଦା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସଂଘର କାର୍ଯ୍ୟକାରୀ ସଭାପତି ବସନ୍ତ ବିଶ୍ୱାଳ, ସମ୍ପାଦକ ନନ୍ଦଲାଲ ସିଂ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ପାନବରଜ ଉଚ୍ଛେଦ ପାଇଁ ରାଜି ହେବାରୁ ବିରୋଧୀଙ୍କ ଆକ୍ରମଣ

କୁଜଙ୍ଗ,୨।୧(ଡି.ଏନ୍.ଏ.)

**ପ୍ରତିବାଦରେ ଥାନା ସମ୍ମୁଖରେ ଧାରଣା**



ଏରସମା ତହସିଲ ଢିଙ୍କିଆ ଚାରିଦେଶରେ ଚାଷୀଙ୍କ ସହମତିରେ ଜେଏସ୍‌ଡବ୍ଲ୍ୟୁର ପ୍ରକଳ୍ପ ପାଇଁ ପାନବରଜ ଉଚ୍ଛେଦ ସହ ଜମି ଅଧିଗ୍ରହଣ ଚାଲିଛି। ଏହି ପ୍ରକଳ୍ପକୁ ଢିଙ୍କିଆ ଗାଁର ବହୁ ଲୋକ ବିରୋଧ କରୁଛନ୍ତି। ଗ୍ରାମରେ ପ୍ରକଳ୍ପ ସପକ୍ଷରେ ଥିବା ଲୋକଙ୍କୁ ବିରୋଧୀମାନେ ଆକ୍ରମଣ କରୁଥିବା ରବିବାର ଅଭୟଚାନ୍ଦପୁର ଥାନାରେ ଗାଁର ଅରକ୍ଷିତ ସାମଲ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ।

ଗାଁର ୩ ଜଣ ଚାଷୀ ପାନବରଜ ଭାଙ୍ଗିବାକୁ ରାଜି ହୋଇଥିଲେ। ପରେ ପ୍ରଶାସନ ଶନିବାର ସେମାନଙ୍କ ପାନବରଜ ଚିହ୍ନଟ କରି ମାପଚୁପ କରିଥିଲା। ରାତିରେ ଅରକ୍ଷିତଙ୍କୁ ବିରୋଧୀମାନେ ଘରୁ ଟେକି ନେଇ ଫୁଲଖାଇ ମନ୍ଦିରଠାରେ ଆୟୋଜିତ ଗ୍ରାମସଭାରେ ଆକ୍ରମଣ କରାଯାଇଥିଲା। ଏଥିସହ ପୁନର୍ବାର ପ୍ରଶାସନକୁ ସାହାଯ୍ୟ କଲେ ପାନବରଜ ଓ ଘର ଭଙ୍ଗାଯିବା ସହ ପରିବାରକୁ ବାସନ୍ଦ କରାଯିବ ବୋଲି ଧମକ ଦିଆଯାଇଛି। ଅରକ୍ଷିତ ସେଠାରୁ କୌଶଳକ୍ରମେ ଖସି ଯାଇ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ନଂ. ୨/୨୨ରେ ମାମଲା ରୁଜୁ କରି ତଦନ୍ତ ଦାୟିତ୍ୱ ଜଗତ୍‌ସିଂହପୁର ଡିଏସ୍‌ପି ବି.ବାଗଙ୍କୁ ଦିଆଯାଇଛି ବୋଲି ଆଇଆଇସି ଜୀବନାନନ୍ଦ ଜେନା କହିଛନ୍ତି। ଜେନାଙ୍କଠାରୁ ପ୍ରତିଶ୍ରୁତି ପାଇବା ପରେ ଅରକ୍ଷିତ ଧାରଣାରୁ ଉଠିଥିଲେ।

## ବିଭାଗ ଅଜାଣତରେ ଚାଲିଛି ରାସ୍ତା କାମ

ନାଉଗାଁ,୨।୧(ସ୍ୱ.ପ୍ର.)

- ବ୍ୟୟ ଅଟକଳ, ଚୁକ୍ତି ଓ ଟେଣ୍ଡର ହୋଇନାହିଁ
- ବିନା ସୂଚନା ଫଳକରେ ଚାଲିଛି କାମ

ନାଉଗାଁ ବ୍ଲକ ଅନ୍ତର୍ଗତ ଓଷକଣା ପଞ୍ଚାୟତରେ ଦେବୀ ନଦୀବନ୍ଧ ପାର୍ଶ୍ୱରେ ବସବାସ କରୁଥିବା ଜନବସତି ନିକଟରେ ଏକାଧିକ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। ଉକ୍ତ ରାସ୍ତା କିଏ ନିର୍ମାଣ କରୁଛି ଓ ଏଥିପାଇଁ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି, କିଏ ଚୁକ୍ତି କରିଛି ସେ ବିଷୟରେ କେହି କହିପାରୁନାହାନ୍ତି। ଏହି ସଂଯୋଗୀକରଣ ରାସ୍ତାଗୁଡିକ ଜଳସମ୍ପଦ ବିଭାଗ ଅଧୀନରେ ରହିଛି। ମାତ୍ର ଏଠାରେ ଚାଲିଥିବା କାର୍ଯ୍ୟ ବିଷୟରେ ବିଭାଗ ମଧ୍ୟ ଅବଗତ ନ ଥିବା ଜଣାପଡ଼ିଛି। ଏନେଇ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ, କେତେଜଣ ଠିକାଦାର ମନମୁଖିଭାବେ ନିମ୍ନମାନର କାର୍ଯ୍ୟ କରି ବିଭାଗ ପାଖରୁ ଅଧିକ ଟଙ୍କାର ବିଲ୍ ହାତେଇ ନେଉଛନ୍ତି। ବିନା ସୂଚନା ଫଳକରେ ଠିକାଦାର ଓ ଯନ୍ତ୍ରୀ କାର୍ଯ୍ୟ କରି ହାତ ଚିକ୍କଣ କରୁଛନ୍ତି ବୋଲି ଲୋକେ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ସେହିପରି ଗତ କିଛି ଦିନ ତଳେ ତଳିଆ ଅଞ୍ଚଳକୁ ନଦୀ ପାଣି ନ ପଶିବା ପାଇଁ ଦେବୀ ନଦୀ ବନ୍ଧ ପାର୍ଶ୍ୱରେ ଘେରି ବନ୍ଧ ନିର୍ମାଣ କରାଯାଇଥିଲା। ତେବେ ବିଭାଗୀୟ ଯନ୍ତ୍ରୀଙ୍କ ସୂଚନା ମୁତାବକ ଏହି ଘେରି ବନ୍ଧ ପାଇଁ କୌଣସି ଟେଣ୍ଡର ହୋଇ ନ ଥିବାବେଳେ ଚିଠା ମାଧ୍ୟମରେ ଠିକାଦାର କାର୍ଯ୍ୟ କରୁଛନ୍ତି। ଏଥିପାଇଁ ବିଭାଗ ତରଫରୁ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ସମ୍ପୃକ୍ତ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଘେରି ବନ୍ଧ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ଅସରାଏ ବର୍ଷା ପରେ କାର୍ଯ୍ୟରେ ଲାଗିବା ପୂର୍ବରୁ ଏଠାରୁ ମାଟି ଧୋଇଯାଇଛି। ଘେରି ବନ୍ଧରେ ମାଟି ଓ ପରେ ମୋରମ ପକାଇବାର ନିୟମ ଥିବାବେଳେ ଠିକାଦାର ପୂର୍ବରୁ ଥିବା ଘେରିବନ୍ଧ ଉପରେ କେବଳ ଅଳ୍ପ କିଛି ମାଟି ପକାଇ ନିର୍ମାଣ ନାମରେ ବିଲ୍ କରିଥିବା ସାଧାରଣରେ ଅଭିଯୋଗ ହୋଇଛି। ଏ ବିଷୟରେ ବିଭାଗୀୟ ଯନ୍ତ୍ରୀ ଦେବୀ ମିଶ୍ର କହିଛନ୍ତି, ଏସବୁ କାର୍ଯ୍ୟ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ।



ଦେବୀ ନଦୀବନ୍ଧ ପାର୍ଶ୍ୱ ରାସ୍ତାକୁ କଂକ୍ରିଟ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଜାନୁୟାରୀ, ୨୦୨୨



## ସଂକ୍ଷେପରେ

### ବନ୍ଧୁ ମିଳନରେ ଗୁରୁ ପୂଜନ

**ନୟାଗଡ଼ ଅଫିସ,୨।୧:** ଭାପୁର ବ୍ଲକ ଫତେଗଡ଼ ଉଚ୍ଚ ବିଦ୍ୟାଳୟର ୨୦୦୮ ସହପାଠୀଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଛାତ୍ରୀଛାତ୍ରଙ୍କ ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ । ଅନ୍ୟପକ୍ଷେ ଗୁରୁମାନଙ୍କୁ ଏହି ବନ୍ଧୁ ମିଳନରେ ପୂଜାର୍ଚ୍ଚନା କରାଯାଇଥିଲା । ବାପୁନା ସ୍ୱାଇଁ, ବିରଞ୍ଚି ପ୍ରଧାନ, ସନ୍ତୋଷ ସାହୁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । ମୃତ ସହପାଠୀ ଅକ୍ଷୟ ସ୍ୱାଇଁଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା ।

### ଟ୍ରକ୍ ଧକ୍କାରେ ଯୁବକ ମୃତ

**ଗୋପାଳପୁର,୨।୧(ଡି.ଏନ.ଏ.):** ଗୋଳନ୍ଥରା ଥାନା ଅଧୀନ ସୋରଳ ଜଙ୍କସନ ନିକଟରେ ରବିବାର ବାଇକ ସହ ଟ୍ରକ ଧକ୍କା ହୋଇ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁମାଣ୍ଡି ଗ୍ରାମର ମହେନ୍ଦ୍ର ଦାସ (୨୨)। ମହେନ୍ଦ୍ର ବାଇକ୍ ଯୋଗେ ମଧ୍ୟାହ୍ନରେ କୌଣସି କାମ ନେଇ ସୋରଳ ଜଙ୍କଶନ ଆସୁଥିବା ବେଳେ ଦ୍ରୁତଗତିରେ ଏକ ଟ୍ରକ ଆସି ତାଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗୋଳନ୍ଥରା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲେ। ଏ ନେଇ ନଂ. ୩/୨୨ରେ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଗାଡ଼ି ପୋଲିସ ଜବତ କରିଛି।

### ଦୁଇ ଦୁର୍ଘଟଣାରେ ୨ ମୃତ

**ଭଞ୍ଜନଗର,୨।୧(ଡି.ଏନ.ଏ):** ଭଞ୍ଜନଗର ଓ ବେଲଗୁଣ୍ଠା ଥାନା ଅଞ୍ଚଳରେ ରବିବାର ୨ଟି ଦୁର୍ଘଟଣାରେ ୨ ଜଣ ମୃତ୍ୟୁ ଘଟିଛି। ଭଞ୍ଜନଗର ଥାନା ଅନ୍ତର୍ଗତ ତୁଳସୀପଲ୍ଲୀରେ ଶନିବାର ରାତିରେ ଏକ ବାଇକ୍ ଧକ୍କାରେ ସତ୍ୟ ସେଠୀ (୭୨) ଗୁରୁତର ହୋଇଥିଲେ। କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ସେହିଭଳି ରବିବାର ବେଲଗୁଣ୍ଠା ଥାନା ଅନ୍ତର୍ଗତ ବାଣତୁମ୍ବ ଗ୍ରାମର ଗାନ୍ଧୀ ଡାକୁଆ (୫୨) ଗ୍ରାମ ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଦେଇଛି।

### ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

**ଜଗନ୍ନାଥପ୍ରସାଦ,୨।୧(ଡି.ଏନ.ଏ.):** ଜଗନ୍ନାଥପ୍ରସାଦ ଥାନା ଯାତ୍ରା କୁମୁଣ୍ଡି ଗ୍ରାମର ଜଣେ ବୃଦ୍ଧଙ୍କ ରବିବାର ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ ତ୍ରିନାଥ ପ୍ରଧାନ। ତ୍ରିନାଥ ଶୌଚ ହେବା ନିମନ୍ତେ ଗ୍ରାମର ନିକଟ କୁଷୁମ ଗାଡ଼ିଆ ପୋଖରୀକୁ ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ତ୍ରିନାଥ ଘରକୁ ନ ଫେରିବାରୁ ପରିବାର ଲୋକ ପୋଖରୀକୁ ଯାଇ ଖୋଜାଖୋଜି କରିବା ପରେ ତ୍ରିନାଥଙ୍କ ମୃତଦେହ ଭାସୁଥିବାର ଦେଖିବାକୁ ପାଇଥିଲେ। ତାଙ୍କୁ ପାଣିରୁ ବାହାର କରି ଜଗନ୍ନାଥପ୍ରସାଦ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତ୍ରିନାଥଙ୍କୁ ମୃତ ଘୋଷଣା କରିଥିଲେ। ଜଗନ୍ନାଥପ୍ରସାଦ ପୋଲିସ ମେଡିକାଲରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଗୋଷାଣୀରେ ଧାନମଣ୍ଡି ଉଦ୍‌ଘାଟିତ

**ଗୋଷାଣୀ,୨।୧**-ଗୋଷାଣୀ ବ୍ଲକ ଉପଲଡ଼ା ନିୟନ୍ତ୍ରଣ ବଜାରଠାରେ ରବିବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଅତିଥି ଭାବେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ତହସିଲଦାର ଅଚ୍ୟୁତାନନ୍ଦ ଜାନି, ସିଏସଓ ଶତ୍ରୁଘନ ଗିରି, ନିୟନ୍ତ୍ରଣ ବଜାର ସମ୍ପାଦକ, ବିଡିଓ ନୀଳମାଧବ ମାଝି ଉପସ୍ଥିତ ଥିଲେ। ଆଞ୍ଜେନେୟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ ପାଇଁ ଉପସ୍ଥିତ ଥିଲେ।

# ଅଭାବୀ ଧାନ ବିକ୍ରି, ପ୍ରଶାସନ ଫେଲ୍

■ ମଣ୍ଡି ନ ଖୋଲିବା ପୂର୍ବରୁ ମିଲର କିଣୁଛନ୍ତି ଧାନ

■ କୁଇଣ୍ଟାଲ ପିଛା ୧ ହଜାରରୁ ୧୨ଶହ ଟଙ୍କାରେ ଚାଲିଛି ଧାନ ବିକ୍ରି

**ନୟାଗଡ଼ ଅଫିସ,୨।୧:୨୦୨୧**

ଆର୍ଥିକ ବର୍ଷ ଶେଷ ହୋଇଛି । ହେଲେ ନୟାଗଡ଼ ଜିଲାରେ ଧାନ ମଣ୍ଡି ଖୋଲି ପାରିନାହିଁ । ଜାନୁୟାରୀ ୭ରେ ମଣ୍ଡି ଖୋଲା ହେବାର ନିଷ୍ପତ୍ତି ପ୍ରଶାସନ ନେଇଛି । ତେବେ ଜିଲାରେ ନଭେମ୍ବର ଶେଷ ସପ୍ତାହରୁ ଅଭାବୀ ଧାନ ବିକ୍ରି ଚାଲିଛି । ଚାଷୀ ଧାନ କୁଇଣ୍ଟାଲ ୧ ହଜାରରୁ ୧୨ ଶହ ଟଙ୍କାରେ ବିକ୍ରି କରୁଛି। ଧାନ କିଛି ମିଲର କିଣୁଥିବା ଅଭିଯୋଗ ଉଠିଛି । ମିଲରମାନେ ନିଜର କେତେଜଣ କର୍ମଚାରୀଙ୍କୁ ଏହି କାମରେ ନିୟୋଜିତ କରାଇ ଗାଁ ଗହଳିର ବ୍ୟବସାୟୀଙ୍କ ଦ୍ୱାରା ଧାନ କିଣି ମିଲକୁ ଆଣୁଛନ୍ତି । ଏଭଳିସ୍ଥଳେ ଅଭାବୀ ଧାନ ବିକ୍ରି ରୋକିବାରେ ପ୍ରଶାସନ ଫେଲ୍ ମାରିଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲାରେ ୧୬୭ଟି ପ୍ରାଥମିକ କୃଷି ସମବାୟ ସମିତିରେ ୧୬୭ଟି ଧାନ ମଣ୍ଡି ଖୋଲିବ । କୁଇଣ୍ଟାଲ ପିଛା ଧାନ ଦର ୧୯୪୦ ଟଙ୍କା ରହିଛି । ତେବେ ଚଳିତ ବର୍ଷ ବାତ୍ୟା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି । ଚାଷୀ ଏଯାବତ ବିଲରୁ ଧାନ କାଟି ପାରିନାହିଁ। କେତେଜଣ ଚାଷୀ ଧାନ କାଟି ଘରକୁ ଆଣୁଛନ୍ତି । ଏନେଇ ଗଣିଆର ମକରନ୍ଦ ପ୍ରଧାନ କୁହନ୍ତି, ଡେରିରେ ଧାନ ଅମଳ ହେଉଛି ବୋଲି ପ୍ରଶାସନ ଦୋହାଇ ଦେଇ ବିଳମ୍ବରେ ମଣ୍ଡି ଖୋଲିବା ଚାଷୀ ପାଇଁ ସମସ୍ୟା ଡାକି ଆଣିଛି । ଚାଷୀମାନେ ଧାନ ଅମଳ କରୁ କରୁ ବିକ୍ରି କରିବାକୁ ଚାହୁଁଛନ୍ତି। ହେଲେ ମଣ୍ଡି ନ ଥିବାରୁ ଚାଷୀ ବାଧ ହୋଇ ୧ ହଜାରରୁ ୧୨ ଶହ ଟଙ୍କାରେ ବ୍ୟବସାୟୀଙ୍କୁ ଧାନ ବିକୁଛି । ଚାଷୀ ଘରକୁ ନେଲେ ତାର ପାଳି କେବେ ପଡିବ ଜାଣି ନ ଥିବାରୁ ଅଭାବୀ ଧାନ ବିକ୍ରି କରିବାକୁ ବାଧ ହେଉଛି । ନୂଆଗାଁର ଶରତ ନାୟକ କୁହନ୍ତି, ଚାଷୀ ଚଳିତ ବର୍ଷ ଚିନ୍ତାରେ ପଡ଼ିଛି । ଅଧିକାଂଶ ଧାନ ପାଣିରେ ବୁଡି ରହିଛି । ପୁଣି ମାଟିରେ ପୋତି ହୋଇ ରହିଥିଲା । ବହୁ କଷ୍ଟରେ ଚାଷୀ ଅମଳ କରୁଛି । ଏବେ ବି ଅମଳ ପ୍ରକ୍ରିୟା ଜାରି ରହିଛି । ତେବେ ଧାନର ମାନ ଠିକ୍ ନ ଥିବାରୁ ମିଲର ଧାନ କିଣିବେ କି ନାହିଁ ଚାଷୀ ସନ୍ଦେହ କରି କମ ଦାମରେ ଧାନ ବିକୁଛି । ଓଡ଼ଗାଁର ରବୀନ୍ଦ୍ର ସ୍ୱାଇଁ କୁହନ୍ତି, ମଣ୍ଡିରେ କଟନୀ ଛଟନୀ ଚାଲିଛି । ଧାନର ମାନ ଠିକ୍ ଥିବାବେଳେ ଚାଷୀ ଠକେଇର ଶିକାର ହେଉଥିଲା । ଏବେ ଧାନର ମାନ ଠିକ୍ ନ ଥିବାବେଳେ ମିଲର ଧାନ ଉଠାଇବ କି ନାହିଁ ସନ୍ଦେହ ହେବା ସ୍ୱାଭାବିକ । ମୋ ପରି ଯେଉଁ ଚାଷୀ ବେସରକାରୀ ଭାବେ ଋଣ ଆଣିଛନ୍ତି ସେମାନେ ମଣ୍ଡିରେ ଧାନ ବିକ୍ରି କରିବା ବେଳକୁ ସୁଧ ଅଧିକ ହୋଇଯିବ । ଏଣୁ ସ୍ୱଳ୍ପ ଦାମରେ ଧାନ ବିକ୍ରି କରି ଋଣ ମୁକ୍ତ ହେବା ଦରକାର । ରଣପୁର ଚାଷୀ ପୀତବାସ ସାହୁ କୁହନ୍ତି, କିଛି ମିଲର ଅଭାବୀ ଧାନ ବିକ୍ରି କରିବା ପାଇଁ ସୁଯୋଗ ସୃଷ୍ଟି କରୁଛନ୍ତି । ମିଲରେ ଧାନ ଦେଉଥିବା ବ୍ୟବସାୟୀଙ୍କୁ ହାତ କରି ଚାଷୀଙ୍କ ଅସମୟରେ ଫାଇଦା ଉଠାଉଛନ୍ତି । ଚାଷୀଙ୍କୁ କହୁଛନ୍ତି, ଧାନର ମାନ ଠିକ୍ ନାହିଁ । ଏବେ ମଣ୍ଡିରେ ଧାନ ବିକ୍ରି କରିବା ସମ୍ଭବ ନୁହେଁ । ଏଣୁ ଧାନ ରଖି ନଷ୍ଟ କରିବା ଅପେକ୍ଷା କିଛି ଟଙ୍କା ପାଇଯିବା ଦରକାର । ସରକାର ଧାନ ବିକ୍ରି ନେଇ କୌଣସି ସଚେତନତା ସୃଷ୍ଟି କରୁ ନାହାନ୍ତି । ଏଣୁ ଚାଷୀ ବାଧ ହୋଇ ଅଳ୍ପ ଟଙ୍କାରେ ଧାନ ବିକୁଛି । ନୟାଗଡ଼ ଏଆର୍‌ସିଏସ୍ ବିରଜାନନ୍ଦ ଦାଶ କୁହନ୍ତି, ଚାଷୀ ପ୍ରତିନିଧିଙ୍କ ନିଷ୍ପତ୍ତି ଅନୁସାରେ ଧାନ ମଣ୍ଡି ଡେରିରେ ଖୋଲା ଯାଉଛି । ମଣ୍ଡି ଖୋଲାଯିବାର ତାରିଖ ଘୋଷଣା ହୋଇ ସାରିଥିବାରୁ ଚାଷୀ ଅପେକ୍ଷା କରିବା ଉଚିତ୍ । ଅଭାବୀ ଧାନ ବିକ୍ରି ନେଇ ପ୍ରଶାସନ ପାଖରେ ଅଭିଯୋଗ ନାହିଁ। ତେବେ ଚାଷୀ ଯେପରି ସୁବିଧାରେ ଧାନ ବିକ୍ରି କରିବ ସେନେଇ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି ।




### ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ

**ଦଶପଲ୍ଲା,୨।୧(ଡି.ଏନ.ଏ.)**

ଦଶପଲ୍ଲାର ବିଭିନ୍ନ ପ୍ରକଳ୍ପ ପାଇଁ ମଞ୍ଜୁର କରାଯାଇଥିବା ମୋଟ ୧୪କୋଟି ୧୩ଲକ୍ଷ ୫୦ହଜାର ଟଙ୍କା ବିନିଯୋଗ ହେବା ନିମନ୍ତେ ଶିଳାନ୍ୟାସ କରାଯାଇଛି। ଦଶପଲ୍ଲା କୁଞ୍ଜବନଗଡ଼ ମୁଖ୍ୟରାସ୍ତାକୁ ଆଲୋକିକରଣ କରାଯିବା ପାଇଁ ୨୨ଲକ୍ଷ, ରାଜବାଟୀ ସାମ୍ନା ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ୬କୋଟି ୪୧ଲକ୍ଷ, ଶ୍ମଶାନର ଭିତ୍ତିଭୂମି ବିକାଶ ପାଇଁ ୭୫ଲକ୍ଷ ୯୦ହଜାର, ୧୬ ୱାର୍ଡ ମଧ୍ୟରୁ ୧୩ଗୋଟି ୱାର୍ଡରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୮ଲକ୍ଷ ୨୦ହଜାର, ୪୮ନଂ. ରାଜ୍ୟ ସଡ଼କପଥରୁ ସାତପାଟଣାକୁ ସଂଯୋଗୀକରଣ ସେତୁ ନିର୍ମାଣ ପାଇଁ ୫କୋଟି ୫୦ଲକ୍ଷ,ଗାନ୍ଧୀ ମଇଦାନରେ ସେଲ୍‌ଫି ପଏଣ୍ଟ ପାଇଁ ୧୮ଲକ୍ଷ ଟଙ୍କା ବ୍ୟୟ କରାଯିବ । ରବିବାର ଏହି ମାରାଥନ ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ବେହେରା, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବବ୍ରତ କର, ଅତିରିକ୍ତ ତହସିଲଦାର କେ.ଭେଙ୍କଟେଶ୍ୱର ରାଓ,ସହକାରୀ ଯନ୍ତ୍ରୀ ଶ୍ୟାମ ସୁନ୍ଦର ବେହେରା, ସୁବ୍ରତ ମହାପାତ୍ର, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ, ମିଶନଶକ୍ତି ପରିଚାଳକ ସରୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

### ଅଙ୍ଗନୱାଡ଼ି କର୍ମୀଙ୍କ ବୈଠକ

**ଦଶପଲ୍ଲା,୨।୧ (ଡି.ଏନ.ଏ.)**

ରବିବାର ଦଶପଲ୍ଲାରେ ଅଙ୍ଗନୱାଡି ଲେଡିଜ ଆସୋସିଏଶନର କାର୍ଯ୍ୟକାରୀ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଙ୍ଗନୱାଡି କର୍ମୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା। ଉକ୍ତ ବୈଠକରେ ଭାରତୀୟ ମଜଦୁର ସଂଘ ନୟାଗଡ଼ ଜିଲା ସମ୍ପାଦକ ସୁକାନ୍ତ କୁମାର ମହାପାତ୍ର ଯୋଗ ଦେଇଥିଲେ । ବକ୍ତାମାନେ ଦାବି ପୂରଣ ପାଇଁ ଆହ୍ୱାନ କରିଥିଲେ । ଯଦି ଦାବି ପୂରଣ ନ ହୁଏ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ ବୈଠକରେ ଅଙ୍ଗନୱାଡି ଦଶପଲ୍ଲା ଶାଖା ସଭାପତି ବିନୋଦିନୀ ଦେଇ, ସମ୍ପାଦକ ଭାନୁମତୀ ପ୍ରଧାନ ,ସାବିତ୍ରୀ ଦାଶ,ପ୍ରତିମା ସାହୁ, ଶକୁନ୍ତଳା ଦଳେଇ, ଜୟାମଣୀ ଦେଇ, ଝରଣା ଦେହୁରୀ, ମଞ୍ଜୁଲତା ସାହୁ ପ୍ରମୁଖ ଯୋଗଦେଇ ଦାବି ଉପସ୍ଥାପନ କରିଥିଲେ।

# ବାଇକ୍-ଅଟୋ ରିକ୍ସା ଧକ୍କା, ଜଣେ ମୃତ

୪ ଗୁରୁତରଙ୍କୁ ଡାକ୍ତରଖାନା ସ୍ଥାନାନ୍ତର

**ଖଣ୍ଡପଡ଼ା,୨।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା-ଭାପୁର ରାସ୍ତାର ବାହାଡା ଗ୍ରାମ ନିକଟରେ ରବିବାର ସନ୍ଧ୍ୟାରେ ଏକ ଅଟୋରିକ୍ସା ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ୩ ମହିଳାଙ୍କ ସମେତ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ବାଇକ୍‌ରେ ଯାଉଥିବା ଜଣେ ବ୍ୟକ୍ତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୂତ୍ରରୁ ଜଣାପଡିଛି। ନିକଟସ୍ଥ ଖେଡ଼ପଡ଼ା ଗ୍ରାମର ସବିତା ନାୟକ, ମାଣିକ ନାୟକ, ଶିଶୁଲା ନାୟକ ଏକ ଅଟୋରିକ୍ସାରେ ଗାଁକୁ ଫେରୁଥିବା ବେଳେ ବାହାଡା ଗ୍ରାମ ନିକଟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ବାଇକ୍ ସହିତ ତାଙ୍କ ଅଟୋରିକ୍ସାର ଧକ୍କା ହୋଇଥିଲା। ଏଥିରେ ବାଇକ୍‌ରେ ଯାତ୍ରା କରୁଥିବା ସୁଦାମ ରାଉତରାୟ ଓ ତାଙ୍କ ସମ୍ପର୍କୀୟ ଶାଳକ ବାସୁଦେବ ମାଝି ରାସ୍ତା କଡକୁ ଛିଟିକି ପଡିଥିଲେ । ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଆହତମାନଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ସୁଦାମଙ୍କ ମୃତ୍ୟୁ ଘଟିଛି । ତାଙ୍କ ଘର ବୋଲଗଡ ନିକଟସ୍ଥ ମାଣିକାଗୋଡା ଗ୍ରାମରେ ବୋଲି ପୋଲିସ କହିଛି ।

# ବଉଳ ଲାଗି ହେଲେ ନୀଳମାଧବ

**ଖଣ୍ଡପଡ଼ା,୨।୧(ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବଙ୍କ ମନ୍ଦିରରେ ରବିବାର ବକୁଳ ଅମାବାସ୍ୟା ପାରମ୍ପରିକ ରୀତିନୀତିରେ ପାଳିତ ହୋଇଯାଇଛି। ଶ୍ରୀଜୀଉଙ୍କ ମଙ୍ଗଳ ଆଳତି ସମ୍ପନ୍ନ କରାଯାଇ ବଲ୍ଲଭ ବେଶ ଶେଷ ହୋଇଥିଲା। ଏହାପରେ ସକାଳ ଧୂପ ଉଠିବା ସମୟରେ ରୋଷରୁ ବଉଳ ଗଇଁଠା ଅଣାଯାଇ ଠାକୁରଙ୍କୁ ଷୋଡଶ ଉପଚାର ଭୋଗ ଲାଗି ହୋଇଥିଲା । ପୌଷମାସ ଅମାବାସ୍ୟା ତିଥିକୁ ବଉଳ ଅମାବାସ୍ୟା କୁହାଯାଏ । ବକୁଳ ବା ବଉଳ ଶବ୍ଦର ଅର୍ଥ ହେଲା ଆମ୍ବ ଗଛର ବଉଳ। ଭକ୍ତମାନେ ଠାକୁରଙ୍କ ଗଇଣ୍ଠା ଭୋଗ ସହିତ ଓ ଆମ୍ବ ବଉଳ ସମର୍ପଣ କରି ବିଶ୍ୱ ତଥା ନିଜ ପରିବାରର ସୁଖ ସମୃଦ୍ଧି କାମନା କରିଥିଲେ। ସେହିପରି ଖଣ୍ଡପଡ଼ା ଶ୍ରୀ ଜଗନ୍ନାଥ, ରଘୁନାଥ, ମହିମା ମେରୁ, ଉମାଦେଈ ଠାକୁରାଣୀ, ପ୍ରଭୁ ରାମେଶ୍ୱର ଠାକୁର, ଜଗନ୍ନାଥପ୍ରସାଦ ଦରଦା ଗ୍ରାମର ମହିଷାଶୁଣୀ ଓ ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉ ମନ୍ଦିରରେ ବକୁଳ ଅମାବାସ୍ୟା ପାରମ୍ପରିକ ରୀତିରେ ସମ୍ପନ୍ନ ହୋଇଛି। ଠାକୁରଙ୍କ ଏହି ବେଶ ଦର୍ଶନ ପାଇଁ ଅପରାହ୍ନରେ ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଥିଲା। ସେହିପରି ଆଜି ବକୁଳ ଅମାବାସ୍ୟ ଅବସରରେ କଣ୍ଟିଲୋର ଗଛସାର ଭାବେ ପରିଚିତ ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁ ଧାନଚେଙ୍ଗଡା ପଞ୍ଚାୟତ କାଳିଆପଲ୍ଲୀ ଗ୍ରାମ ଓ ବିଶ୍ୱାବସୁ ଶବର ରାଜାଙ୍କ ସ୍ମୃତିପୀଠରେ ବଉଳ ଚାରା ରୋପଣ କରିଥିଲେ ।


ଶ୍ରୀ ନୀଳମାଧବ ଜୀଉଙ୍କ ବଉଳଲାଗି ବେଶ ।

# ଲିଜ୍ ପ୍ରଦାନ ପରେ ଉତ୍ତେଜନା

୩ ପରିବାର ପକ୍ଷରୁ କୋର୍ଟରେ ମାମଲା

**ଖଣ୍ଡପଡ଼ା,୨।୧ (ସ୍ୱ.ପ୍ର.)**

କଣ୍ଟିଲୋ-ଦଶପଲ୍ଲା ୪୮ ନଂ. ରାଜ୍ୟ ରାଜପଥ ପାର୍ଶ୍ୱ ସରକାରୀ ଜାଗାର ଲିଜ୍‌କୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଆରମ୍ଭ ହୋଇଛି । ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି । ଏହାକୁ କେନ୍ଦ୍ର କରି ଖଣ୍ଡପଡ଼ା ତହସିଲଦାର ଓ ପୋଲିସ ଉପସ୍ଥିତିରେ ଲିଜ୍ ନେଇଥିବା ବ୍ୟକ୍ତିଙ୍କୁ ଜାଗା ଦଖଲ ଦେବା ବେଳେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଏ ନେଇ ଗୋଟିଏ ଗୋଷ୍ଠୀ ପକ୍ଷରୁ ଖଣ୍ଡପଡ଼ା ବରିଷ୍ଠ ଦେୱାନୀ ଅଦାଲତରେ ନ୍ୟାୟ ପାଇବା ପାଇଁ ମାମଲା ରୁଜୁ କରାଯାଇଛି ।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଗ୍ରାମର ଯୁଧିଷ୍ଠିର ଦାସ ମୁନା ଇଞ୍ଜିନିୟରିଂ ନାମରେ କଣ୍ଟିଲୋ ବଜାରର ଦକ୍ଷିଣ ପାର୍ଶ୍ୱ ସରକାରୀ ପ୍ଲଟ ନଂ.୧୮୭୦ ଏବଂ ୧୮୬୭କୁ ଦୀର୍ଘବର୍ଷ ହେଲା ଦଖଲ କରି ଘର କରିଥିଲେ। ପୁଣିଥରେ ସେହି ମୁନା ଇଞ୍ଜିନିୟରିଂ ନାମରେ ନିକଟରେ ଥିବା ୧୦ ଡେସିମିଲ ଜାଗାକୁ ୯୯ବର୍ଷ ପାଇଁ ଲିଜ୍ ସୂତ୍ରେ ଗତ ୨୦୧୮ରେ ରେକର୍ଡ କରିନେଇଥିବା ଜଣାପଡିବା ପରେ ସେହି ଜାଗାରେ ଦୀର୍ଘବର୍ଷ ହେଲା ଜବରଦଖଲ କରିଥିବା ପକ୍ଷଙ୍କ ପକ୍ଷରୁ ଅଭିଯୋଗ କରାଯାଇ କୋର୍ଟରେ ମାମଲା ରୁଜୁ ହୋଇଛି । ଏହି ବିବାଦୀୟ ସରକାରୀ ଜାଗାକୁ ସେହି ଗ୍ରାମର ଖଲେଶ୍ୱର ମହାରଣା, ସୁଷମା ମହାରଣା, ଉଜ୍ଜଳ ସାହୁଙ୍କ ପରିବାର ଦଖଲରେ ରଖିଥିଲେ । ସୁଷମା ତାଙ୍କ ଦଖଲଥିବା ଜାଗାରେ ଛାତଘର କରି ରହୁଛନ୍ତି । ସେମାନଙ୍କ ଅଜ୍ଞାତରେ ମୁନା ଇଞ୍ଜିନିୟରିଂ ନାମରେ ସରକାରୀ ପ୍ଲଟ ୧୭୫୨,୧୭୫୩,୧୭୫୬ ଓ ୧୭୫୦/୩୨୦୮ ଲିଜ୍ ହୋଇଥିବା ଜାଣି ଏହି ତିନି ପରିବାର ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଥିଲେ ହେଲେ କିଛି ସୁଫଳ ମିଳି ନ ଥିଲା । ପରବର୍ତ୍ତୀ ସମୟରେ ମୁନା ଇଞ୍ଜିନିୟରିଂ ତରଫରୁ ମାପ ଚିହ୍ନଟ ଦରଖାସ୍ତ ହେବାରୁ ତହସିଲଦାର, ଅମିନ, ଆରଆଇ ପ୍ରମୁଖ ପୋଲିସ ଉପସ୍ଥିତିରେ ୨୦୨୧ ନଭେମ୍ବର ୧୨ରେ ସଂପୃକ୍ତ ଜାଗାର ମାପ କରାଯାଇଥିଲା । ଏହାକୁ ପ୍ରତିବାଦ କରି ଖଲେଶ୍ୱର, ସୁଷମା , ଉଜ୍ଜଳ ସରକାରୀ ଜାଗା ଉପରେ ସ୍ୱ ଅଧିକାର ଦଖଲ ଦାବି କରି ଏବଂ ଲିଜ୍ ପଟ୍ଟାକୁ ବିରୋଧ କରି ବରିଷ୍ଠ ଦେୱାନୀ ଅଦାଲତ ଖଣ୍ଡପଡ଼ା ଦ୍ୱାରସ୍ଥ ହୋଇଛନ୍ତି। ମାତ୍ର ଉକ୍ତ ମାମଲା ବିଚାରାଧୀନ ରହିଛି। ଇତି ମଧ୍ୟରେ ଲିଜ୍ ପାଇଥିବା ବ୍ୟକ୍ତି ଉପରୋକ୍ତ ଜାଗାରେ ଗୃହ ନିର୍ମାଣ କରୁଥିବା ଦେଖିବାକୁ ମିଳିଛି । ଦେୱାନୀ କୋର୍ଟର ରାୟ ନ ଆସିବା ପର୍ଯ୍ୟନ୍ତ କାମ ବନ୍ଦ ରଖିବାକୁ ଉପରୋକ୍ତ ୩ ପରିବାର ସଦସ୍ୟମାନେ ଦାବି କରିଛନ୍ତି ।

# ବୈଠକ ଚାଲିଥିବାବେଳେ ଗାଳିଗୁଲଜ, ମାରପିଟ୍

ସମିତି ସଭ୍ୟଙ୍କ ବିରୋଧରେ ଏତଲା

**ନୟାଗଡ଼ ଅଫିସ,୨।୧**

ନୟାଗଡ଼ ଜିଲା ଭାପୁର ବ୍ଲକ ପଦ୍ମାବତୀ ପଞ୍ଚାୟତର ଜଣେ ସମିତି ସଭ୍ୟ, ସରପଞ୍ଚଙ୍କ ସ୍ୱାମୀଙ୍କ ସମେତ ୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ବିରୋଧରେ ଏତଲା ହୋଇଛି। ଏତଲା ପରେ ଫତେଗଡ଼ ଥାନା ପୋଲିସ ଅଭିଯୋଗକୁ ଗ୍ରହଣ କରି ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ, ଗତ ୩୧ ତାରିଖରେ ପଦ୍ମାବତୀ ଦଳିତ ସାହିରେ ସରକାରୀ ଉନ୍ନୟନ ଅର୍ଥ ଆତ୍ମସାତ୍ ସମ୍ପର୍କରେ ଆଲୋଚନା ଚାଲିଥିଲା । ଗାଁର ଖେଳ ପଡ଼ିଆ ନାଁରେ ୫ ଲକ୍ଷ, ଜଣେ ବ୍ୟକ୍ତିଙ୍କ ନାଁରେ କୂପ, ୧୨ ହଜାର ଟଙ୍କା ପାଇଖାନା ହୋଇଛି ଦର୍ଶାଇ ମିଛ ବିଲ୍ କରାଯାଇଥିବା ସମ୍ପର୍କରେ ଆଲୋଚନା ହୋଇଥିଲା । ଏପରି କି ମିଛ ବିଲ୍ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଖବର ପାଇ ଜଣେ ସମିତି ସଭ୍ୟ ତାଙ୍କର କେତେଜଣ ସହଯୋଗୀଙ୍କୁ ନେଇ ସଭାସ୍ଥଳରେ ପହଞ୍ଚିଥିଲେ । ମିଛ ବିଲ୍ ସମ୍ପର୍କରେ ଅଭିଯୋଗ ନ କରିବାକୁ ସାହି ଲୋକଙ୍କୁ ପରାମର୍ଶ ଦେଇଥିଲେ । ହେଲେ କାମ ନ ହୋଇ ମିଛି ବିଲ୍ ହୋଇ ଥିବାରୁ ସମିତି ସଭ୍ୟଙ୍କ ଅନୁରୋଧକୁ ବିରୋଧ କରାଯାଇଥିଲା । ପରେ ସମିତି ସଭ୍ୟ ଓ ତାଙ୍କ ସମର୍ଥକମାନେ ସାହି ବାସିନ୍ଦାଙ୍କ ଜାତିଆଣ ଆକ୍ଷେପ ସହ ମାରପିଟ୍ କରିଥିଲେ । ଏପରି କି କେତେଜଣଙ୍କୁ ଜୀବନରେ ମାରି ଦେବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ପୋଲିସକୁ ଫୋନ କରି ଜଣାଇବା ପରେ ତଦନ୍ତ ଆରମ୍ଭ ହୋଇଛି । ପୋଲିସକୁ ଦେଖି ଗଣ୍ଡଗୋଳକାରୀ ଫେରାର ହୋଇଯାଇଥିଲେ । ଏନେଇ ଫତେଗଡ ଥାନା ଆଇଆଇସି ଗିରିଜା ପଟ୍ଟନାୟକ କୁହନ୍ତି ଅଭିଯୋଗ ମିଳିଛି । ତଦନ୍ତ ଚାଲୁ ରହିଛି ।

### ଆଜିଠୁ ୧୫ରୁ ୧୮ ବୟସ୍କ ପିଲାଙ୍କୁ କରୋନା ଟିକା

**ଫୁଲବାଣୀ ଅଫିସ, ୨।୧**

କନ୍ଧମାଳ ଜିଲାରେ ସୋମବାରରୁ ୧୫-୧୮ ବୟସ୍କ ପିଲାଙ୍କୁ କୋଭିଡ ଟିକାକରଣ କରାଯିବ। ଏଥିପାଇଁ ମେଡିକାଲ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ ଏବଂ ଫୁଲବାଣୀରେ ବିଜୁ କଲ୍ୟାଣ ମଣ୍ଡପରେ ଏହି ଟିକା ଦିଆଯିବାକୁ ସ୍ଥିର କରାଯାଇଛି। ଅନ୍ୟପକ୍ଷରେ ଫୁଲବାଣୀ ସହରରେ ଏକ ଭ୍ରାମ୍ୟମାଣ ଦଳ ପ୍ରତ୍ୟେକ ଦିନ ବିଭିନ୍ନ ସ୍ଥାନକୁ ଯାଇ ଟିକାକରଣ କରିବେ। ଏ ନେଇ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲାରେ ମୋଟ ୩୯ ହଜାର ୨୦୦ ଜଣଙ୍କୁ ଟିକାକରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଟିକା ନେବା ପାଇଁ କୋଉଇନ ପୋର୍ଟାଲରେ ଅଗ୍ରୀମ ପଞ୍ଜୀକରଣ ଲାଗି ସ୍ଲଟ ଦିଆଯାଇଛି। ସମସ୍ତେ ଶୀଘ୍ର ପଞ୍ଜୀକରଣ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# କାର୍ ସହ ଗ୍ୟାସ୍ ସିଲିଣ୍ଡର ବୋଝେଇ ଅଟୋ ଧକ୍କା, ୩ ଗୁରୁତର

**ଓଡ଼ଗାଁ,୨।୧ (ସ୍ୱ.ପ୍ର.)**

ସ୍ଥାନୀୟ ଆଦର୍ଶ ଥାନା ଅଧୀନ ଘଷାଦେଇପୁରଠାରେ ରବିବାର ଅପରାହ୍ନରେ ଏକ କାର ସହିତ ଗ୍ୟାସ୍ ସିଲିଣ୍ଡର ବୋଝେଇ ଅଟୋର ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ଉଭୟ ଗାଡ଼ିର ଚାଳକଙ୍କ ସହିତ କାରରେ ବସିଥିବା ଜଣେ ମହିଳା ଗୁରୁତର ହୋଇଛନ୍ତି । ସମସ୍ତଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ସୂଚନା ଅନୁଯାୟୀ, ବୋଲଗଡ଼ ପ୍ରାଣୀ ଚିକିତ୍ସକ ଡା. ଶଙ୍କର୍ଷଣ ମହାନ୍ତି, ସ୍ତ୍ରୀ ଓ ଦୁଇ ପୁଅଙ୍କ ସହିତ ନିଜ କାରରେ ଓଡ଼ଗାଁର କେତେକ ପର୍ଯ୍ୟଟନସ୍ଥଳ ବୁଲିବାକୁ ଯାଇଥିଲେ । ସେଠାରୁ ଫେରୁଥିବା ବେଳେ ସମ୍ମୁଖରୁ ଆସିଥିବା ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ଅଟୋ ସହିତ ତାଙ୍କ କାରର ମୁହାଁମୁହିଁ ଧକ୍କା ହୋଇଥିଲା । ଖବର ପାଇ ଅଗ୍ନିଶମ ବାହିନୀ ଆହତମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଡାକ୍ତରଙ୍କ ସ୍ତ୍ରୀ,କାର ଚାଳକ ଗଗନ ଦାସ ଓ ଅଟୋ ଚାଳକ ପ୍ରଭାତ କୁମାର ସାହୁଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଏଥିରେ ଡାକ୍ତର ଓ ତାଙ୍କ ଦୁଇ ପୁଅ ସାମାନ୍ୟ ଆହାତ ହୋଇଛନ୍ତି । ପୋଲିସ ଦୁର୍ଘଟଣାଗ୍ରସ୍ତ କାର (ନଂ.ଓଡି ୦୨ୟୁ ୬୬୧୨) ଅଟୋ (ନଂ.ଓଡି ୨୫ ୭୭୭୨)କୁ ଜବତ କରି ମାମଲା ରୁଜୁ କରିଛି। ସେହିପରି ରବିବାର ସନ୍ଧ୍ୟାରେ ଅନ୍ୟ ଏକ ଦୁର୍ଘଟଣାରେ ବାହାଡାଖୋଲା ଫାଣ୍ଡି ଅଧୀନ ଆମ୍ବପଡାର ଶିବଶଙ୍କର ନାୟକ(୩୬) ବାହାଡାପିଠା ସ୍କୁଲ ନିକଟରେ ଏକ ଗାଈକୁ ଧକ୍କା ଦେବା ଫଳରେ ସେ ଗୁରୁତର ହୋଇଛନ୍ତି। ସେ ବାଇକ୍‌ରେ ଶ୍ୱଶୁରଙ୍କ ଘରୁ ରଙ୍ଗଣୀପାଟଣା ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଶିବଶଙ୍କରଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

# ସିଡିଏଫ୍ ଅର୍ଥରାଶି ବଢ଼ିଲେ ଆନ୍ଦୋଳନ

କର୍ମଚାରୀଙ୍କ ବର୍ଦ୍ଧିତ ଦରମା ଭରଣା ବୋଝ ଛାତ୍ରୀଛାତ୍ରଙ୍କ ଉପରେ ନ ପଡୁ

**ନୟାଗଡ଼ ଅଫିସ,୨।୧**

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା କମିଟିର ପ୍ରଥମ ବୈଠକରେ କର୍ମଚାରୀଙ୍କ ମାସିକ ଦରମା ୩ ହଜାର ଟଙ୍କା ବୃଦ୍ଧି ପରେ କଲେଜ ଡେଭଲପମେଣ୍ଟ ଫଣ୍ଡସ(ସିଡିଏଫ୍) ଅର୍ଥ ରାଶି ବଢ଼ିବାର ସମ୍ଭାବନା ଦେଖା ଦେଇଛି । ଯଦି କର୍ମଚାରୀଙ୍କ ଦରମା ଭରଣା କରିବାକୁ ସିଡିଏଫ୍ ଅର୍ଥରାଶି ବୃଦ୍ଧି କରି ଛାତ୍ରୀଛାତ୍ରଙ୍କ ଉପରେ ବୋଝ ଲଦି ଦିଆଯାଏ ତେବେ ଆନ୍ଦୋଳନ କରାଯିବ ବୋଲି କେତେଜଣ ପୁରାତନ ଛାତ୍ର ଓ କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ଗତ ଡିସେମ୍ବର ୨୪ରେ ମହାବିଦ୍ୟାଳୟର ପରିଚାଳନା କମିଟିର ପ୍ରଥମ ବୈଠକ ବସି କର୍ମଚାରୀଙ୍କ ଦରମା ୩ ହଜାର ଟଙ୍କା ବୃଦ୍ଧି କରାଯାଇଛି । କର୍ମଚାରୀଙ୍କ ଦରମା ବଢ଼ିବା ପରେ ମହାବିଦ୍ୟାଳୟ ଉପରେ ୨୦ ଲକ୍ଷ ଟଙ୍କାର ଅତିରିକ୍ତ ବୋଝ ପଡୁଛି। ଛାତ୍ରୀଛାତ୍ରଙ୍କ ସିଡିଏଫ୍ ଅର୍ଥରାଶି ବୃଦ୍ଧିକୁ ଛାଡିଦେଲେ ରୋଜଗାରର ପନ୍ଥା ନାହିଁ। ଏଣୁ ସିଡିଏଫ୍ ଅର୍ଥ ରାଶିକୁ ବୃଦ୍ଧି ପାଇଁ ଛାତ୍ରୀଛାତ୍ରଙ୍କ ଉପରେ ଆର୍ଥିକ ବୋଝ ଲଦି ଦେବାକୁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ସୂଚନା ମିଳିଛି । ଏନେଇ ଜଣେ ପୁରାତନ ଛାତ୍ର ନିଜ ନାମ ଗୋପନ ରଖି କହିଛନ୍ତି, ମହାବିଦ୍ୟାଳୟରେ କେତେଜଣ ବ୍ୟକ୍ତିଙ୍କୁ ଥଇଥାନ କରାଯାଉଛି । ଛାତ୍ରୀଛାତ୍ର ଯଦି କର୍ମଚାରୀଙ୍କ ପାଇଁ ଦରମା ଦେଉଛନ୍ତି ଠିକ୍ ଲୋକ ନିଯୁକ୍ତି ପାଇବା ଦରକାର । ହେଲେ ପରିଚାଳନା କମିଟି ଓ କଲେଜ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରୁଛନ୍ତି । ସେହିପରି କର୍ମଚାରୀଙ୍କ ଦରମା ବୃଦ୍ଧି ସହ ସିଡିଏଫ୍ ଅର୍ଥରାଶି ବୃଦ୍ଧି ପାଇଁ ପରିଚାଳନା କମିଟି ନିଷ୍ପତ୍ତି ନେଇଛି । ଏକଥାରେ ସତ୍ୟ ଥିଲେ ଆମେ କେତେଜଣ ପୁରାତନ ଛାତ୍ର ବର୍ତ୍ତମାନର ଛାତ୍ରୀଛାତ୍ରଙ୍କୁ ନେଇ ଆନ୍ଦୋଳନ କରିବାକୁ ବାଧ ହେବୁ । କଂଗ୍ରେସ ସଭାପତି ରଣଜିତ୍ ଦାଶ କୁହନ୍ତି, କର୍ମଚାରୀଙ୍କ ଦରମା ବୃଦ୍ଧି ସ୍ୱାଗତ ଯୋଗ୍ୟ ପଦକ୍ଷେପ । ହେଲେ ସିଡିଏଫ୍ ବୃଦ୍ଧି ନିଷ୍ପତ୍ତି ଦୁର୍ଭାଗ୍ୟଜନକ । କଲେଜ କର୍ତ୍ତୃପକ୍ଷ ସିଡିଏଫ୍ ବାବଦରେ ଛାତ୍ରୀଛାତ୍ରଙ୍କଠାରୁ ୧ କୋଟି ୨୫ ଲକ୍ଷ ଟଙ୍କା ବର୍ଷକୁ ଆଦାୟ କରୁଛନ୍ତି । ଏବେ କର୍ମଚାରୀଙ୍କ ଦରମା ବୃଦ୍ଧି ପରେ ପୁଣି ୨୦ ଲକ୍ଷ ଟଙ୍କା ଆବଶ୍ୟକ ପଡୁଛି । ନୟାଗଡ଼ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଉପସ୍ଥିତିରେ ସିଡିଏଫ୍ ବୃଦ୍ଧି ନିଷ୍ପତ୍ତି ନିଆଯାଇଛି । ଏହାକୁ ବନ୍ଦ କରିବାକୁ ସେ ମନ୍ତ୍ରୀଙ୍କୁ ଖୋଲା ଚିଠି ଦେଇଥିବା କହିଛନ୍ତି। କଲେଜ କର୍ତ୍ତୃପକ୍ଷ ଯଦି ସିଡିଏଫ୍ ବୃଦ୍ଧି ନିଷ୍ପତ୍ତିରୁ ନ ଓହରିବେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି ।

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସ୍ୱୟଂ ଶାସିତ ମାନ୍ୟତା ୨୦୧୮ ପରଠାରୁ ନବୀକରଣ ହୋଇ ପାରୁନାହିଁ । ମହାବିଦ୍ୟାଳୟର ସ୍ୱୟଂ ଶାସିତ ମାନ୍ୟତା ଅପସାରଣ ପରେ ସାଧାରଣରେ ସମାଲୋଚନା ଚାଲିଛି । ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏନେଇ ମୁହଁ ଖୋଲୁ ନାହାନ୍ତି। ଏନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନ କୁହନ୍ତି, କର୍ମଚାରୀଙ୍କ ଦରମା ବୃଦ୍ଧି ପାଇଛି । ହେଲେ ସିଡିଏଫ୍‌କୁ ବୃଦ୍ଧି କରାଯାଇ ନାହିଁ । ଯୁକ୍ତ ୨ ଓ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କଠାରୁ ସିଡିଏଫ୍ ବାବଦରେ ୨୮୦୦, ଯୁକ୍ତ ୨ ଓ ଯୁକ୍ତ ୩ ୨ୟ ବର୍ଷର ଛାତ୍ରୀଛାତ୍ରଙ୍କ ଠାରୁ ୨୬୦୦ ଓ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କ ଠାରୁ ୨୫୦୦ ଆଦାୟ କରାଯାଉଛି । ଅନ୍ୟପକ୍ଷେ ନାକ୍ ଟିମ୍ ପାଖରେ ସ୍ୱୟଂ ଶାସିତ ମାନ୍ୟତା ପାଇଁ ଆବଶ୍ୟକ କାଗଜପତ୍ର ଦାଖଲ ହୋଇଛି । ନାକ୍ ଟିମ୍ ଏହାର ଅନୁଧ୍ୟାନ ଓ ମୂଲ୍ୟାଙ୍କନ କରୁଛନ୍ତି। ଅନୁଧ୍ୟାନ ଓ ମୂଲ୍ୟାଙ୍କନ ଶେଷ ପରେ ମୋଟ ୧୦୦୦ ନମ୍ବରରୁ ଆଉ ୩୦୦ ନମ୍ବରର ପୁଣି ଅନୁଧ୍ୟାନ ଓ ମୂଲ୍ୟାଙ୍କନ ପାଇଁ ମହାବିଦ୍ୟାଳୟକୁ ନାକ୍ ଟିମ୍ ଆସିବେ ବୋଲି ସେ କହିଛନ୍ତି ।